# ଜୀବାମୃତ (ଜୈବିକ ସାର)





ଚାଷୀଭାଇମାନେ ପରମ୍ପରାକ୍ରମେ ଜୈବିକ ସାର ପ୍ରୟୋଗ କରି ପରିବା ଉତ୍ପାଦନ କରୁଥିଲେ । କିନ୍ତୁ ଅଧିକ ଅମଳ ହେବାର ଲକ୍ଷ୍ୟ ରଖି ମାଟିରେ ରାସାୟନିକସାର ପ୍ରୟୋଗ କରିବା ଦ୍ୱାରା ପରିବାର ସ୍ୱାଦ କମିବା ସଂଗେ ସଂଗେ ପରିବାର ମୂଳ ଭିଟାମିନ୍ ଓ ପ୍ରୋଟିନରେ ମଧ୍ୟ କୁପ୍ରଭାବ ପଡିଥାଏ । ତେଣୁ ଜୈବିକ ସାର ପ୍ରୟୋଗ କରି ପରିବାକୁ ରାସାୟନିକସାରର କୁପ୍ରଭାବରୁ ମୁକ୍ତ ରଖିବା ସହିତ ପନିପରିବାର ପୂର୍ବ ସ୍ୱାଦ ଆଣିବା ସଂଗେ ସଂଗେ କମ୍ ଖର୍ଚ୍ଚରେ ଖାଉଟିଙ୍କୁ ଶୁଦ୍ଧ ପରିବା ଯୋଗାଇ ଦିଆଯାଇ ପାରିବ ।

**ଜୀବାମୃତ ତିଆରି କରିବା ପ୍ରଣାଳୀ**

**ସାମଗ୍ରୀ :** (ଏକ ଏକର ପାଇଁ, ଥରେ ପ୍ରୟୋଗ ନିମନ୍ତେ)

- ଦେଶୀଗାଇ ପରିସ୍ରା – ୧୦ ଲିଟର (ବାଛୁରୀ ଲାଗିଥିବା ଗାଈର ପରିସ୍ରା କିମ୍ବା ଗର୍ଭିଣୀ ଗାଇ ପରିସ୍ରା ଭଲ)
- ଗୋବର ୧୦ କେଜି
- ବେସନ ବା ଡାଲିଗୁଣ୍ଡ ୧ କେଜି
- ଦେଶୀ ଗୁଡ ୧ କେଜି
- ଉଇ ହୁଙ୍କା ମାଟି ବା ବରଗଛ ତଳର ମାଟି ୧ କେଜି (ସବୁ ଆନୁମାନିକ)

**ପ୍ରସ୍ତୁତି** – ମାଠିଆରେ ବା ପ୍ଲାଷ୍ଟିକ ଡ୍ରମରେ ଗାଇ ମୂତ୍ର, ଗୋବର, ବେସନ, ଗୁଡ ଓ ଉଇହୁଙ୍କା ମାଟିକୁ ଭଲ ଭାବରେ ଗୋଳାଇ ମାଠିଆରେ ଢାଙ୍କୁଣୀଦେଇ ବନ୍ଦ କରି ଛାଇରେ ରଖିବା । ଦୁଇଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ବାଡିଦ୍ୱାରା ଘାଣ୍ଟିବା । ଏହାପରେ ଏଥିରେ ୨୦୦ ଲିଟର ପାଣି ମିଶାଇ ଜମିରେ ଢାଳିବା । ଦୁଇଦିନ ପରେ ଓ ୭ ଦିନ ଭିତରେ ବ୍ୟବହାର କରିବା । ଜମିରେ ପାଣି କିମ୍ବା ବତର ନଥିଲେ ବ୍ୟବହାର କରନ୍ତୁ ନାହିଁ । ପନିପରିବା ଫସଲରେ ଜଳସେଚନ ସମୟରେ ବ୍ୟବହାର କରିବା ଉଚିତ୍ ।

**ଉପକାର -**

- ଅଳ୍ପ ଖର୍ଚ୍ଚ ହେବ
- ମାଟିର ଉର୍ବରତା ବଢିବ
- ଫସଲରେ ଅଧିକ ଫଳ ହେବ
- ଖାଦ୍ୟ ସ୍ୱାଦିଷ୍ଟ ଲାଗିବ
- ମାଟିରେ ଥିବା ଉପକାରୀ ଜୀବାଣୁ ସଂଖ୍ୟାବୃଦ୍ଧି ହେବ

**ଜିଆ କମ୍ପୋଷ୍ଟ (କେଞ୍ଚୁଆ ଖତ)**

ଜିଆ ଦ୍ୱାରା ବିଷ ହୀନ କାର୍ବୋନିକ ପଦାର୍ଥରେ ଖତ ପ୍ରସ୍ତୁତର ପ୍ରକ୍ରିୟା ଅଟେ । କାର୍ବେନିକ ଅବେଶଷ, ଗୋବର ଆଦିକୁ ଖାଇ ଜିଆ ଦ୍ୱରା ଆବର୍ଜିତ ପଦାର୍ଥକୁ ଜିଆଖ କୁହାଯାଏ । ଜିଆ କମ୍ପୋଷ୍ଟରେ କେଞ୍ଚୁଆର ଅବେଶଷ, ମଳ, ଅଣ୍ଡା, ଲାଭଦାୟକ ସୂକ୍ଷ୍ମ ଜୀବାଣୁ ଆଦିର ମିଶ୍ରଣ ସମ୍ମିଳିତ ରହିଥାଏ । ଭାରତୀୟ ଲାଲ ଜିଆ (ଇସିନିଆ ଫିଟିତା) କମ୍ପୋଷ୍ଟ ପ୍ରସ୍ତୁତି ପାଇଁ ଉପଯୁକ୍ତ ବିବେଚିତ ହୋଇଛି । ଜିଆ ଖତର ଉପଯୋଗରେ ଭୂମିର ସଂରଚନା ଏବଂ ଉତ୍ପାଦକତା ବୃଦ୍ଧି ସହ ନିମ୍ନଲିଖିତ ଲାଭ ହୋଇଥାଏ

- ମାଟିରେ ଲାଭଦାୟକ ସୂକ୍ଷ୍ମ ଜୀବାଣୁ ଗୁଡିକର ବୃଦ୍ଧି
- ଚାରାରେ କୀଟ ରୋଗ ବିରୁଦ୍ଧରେ ପ୍ରତିରୋଧକ ଉତ୍ପନ୍ନ
- ମାଟିର ଉର୍ବରକ ଶକ୍ତିରେ ବୃଦ୍ଧି
- ମାଟିର ପି.ଏଚ୍. (ଅମ୍ଳତା)ର ମାନ ସ୍ଥିର ରଖିବା ପାଇଁ ସହାୟକ
- କାର୍ବୀନିକ ପଦାର୍ଥର ବିଘଟନରେ ସହାୟକ
- ମାଟିରେ ହ୍ୟୁମସ୍ ବଢିବା ଦ୍ୱାରା ଉର୍ବର ଶକ୍ତିରେ ବୃଦ୍ଧି
- ମାଟିରେ ହର୍ମୋନର ମାତ୍ରାରେ ସୁଧାର

**ଜିଆ କମ୍ପୋଷ୍ଟ ତିଆରି ନିୟମ**

ଉଚ୍ଚା ଏବଂ ଥଣ୍ଡା ଯାଗାରେ ଛପର ତିଆରି କରି ବା ଝଙ୍କାଳିଆ ଗଛ ତଳେ ଇଟା ବିଛାଇ କଚ୍ଚା ଅଗଣା ତିଆରି କରାଯାଏ । ଇଟାରେ ୧୦ ଫୁଟ ଲମ୍ବା ଏବଂ ୨.୫ ଫୁଟ ଚଉଡା ଓ ୧ ଫୁଟ ଉଚ୍ଚତାର କିଆରି ତିଆରି କରାଯାଏ ତଥା କିଆରିରେ ୧୫ ରୁ ୩୦ ଦିନ ପୁରୁଣା ଗୋବର ନେଇ ବିଛାଇ ଦିଆଯାଏ । ପ୍ରତ୍ୟେକ କିଆରିରେ ୨୦୦ ରୁ ୫୦୦ କେଞ୍ଚୁଆ ଛାଡି ଦେଇ ନଡା ବା ଝୋଟବସ୍ତାରେ ଢାଙ୍କି ଦିଆଯାଏ । କମ୍ପୋଷ୍ଟର ମାତ୍ରା ବଢାଇବା ପାଇଁ ଘାସ, ସବୁଜ ପତ୍ର, ପାଳ ଆଦିକୁ କାଟିକରି ଗୋବରରେ ମିଶାଯାଇ ପାରିବ କିମ୍ବା ଗୋବର ତଳେ ବିଛା ଯାଇପାରିବ । ଜିଆମାନଙ୍କୁ ସକ୍ରିୟ ରଖିବା



ପାଇଁ ପ୍ରତିଦିନ ପାଣି ସିଞ୍ଚନ କରି ଆଦ୍ରତା ବନାଇ ରଖିବା ଦରକାର । ଜିଆମାନଙ୍କୁ ଅଧିକ ପାଣି, ଅଧିକ ଗମର ଏବଂ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ଛାୟାର ବ୍ୟବସ୍ଥା କରାଯିବା ଦରକାର । ଉପଯୁକ୍ତ ତାପମାତ୍ରା ଏବଂ ଜିଆର ସଂଖ୍ୟା ଅତ୍ୟାଧିକ ହେଲା ପରେ-୪୫-୬୦ ଦିନ ମଧ୍ୟରେ ଏହା କମ୍ପୋଷ୍ଟରେ ପରିଣତ ହୁଏ । ତିଆରି ହୋଇଥିବା ଖତରୁ ଜାଲି ସାହାଯ୍ୟରେ ଜିଆମାନଙ୍କୁ ଅଲଗା କରାଯାଇ ଜିଆମାନଙ୍କୁ ପୁଣି ସେହି ଗାତରେ ଛାଡି ଦିଆଯାଏ । ଗୋଟିଏ କିଆରିରେ ଥରକେ ୨-୩ କ୍ୱିଣ୍ଟାଲ ଜିଆ କମ୍ପୋଷ୍ଟ ମିଳିପାରିବ । ଭର୍ମି କମ୍ପୋଷ୍ଟର ଅଧିକ ଲାଭ ପାଇବା ପାଇଁ ଏଥିରେ ମିଶ୍ରଣ (କଲଚର -୧)ର (୨ ପ୍ୟାକେଟ୍ /୧ ହେ.) ହିସାବରେ ମିଶାନ୍ତୁ ଏବଂ ୩ରୁ ୪ଦିନ ଛାଇରେ ରଖିବା ପରେ ଉପଯୋଗ କରନ୍ତୁ ।

**ବର୍ମିୱାସ /ଜିଆ ଜଳସାର**

ପ୍ଲାଷ୍ଟିକ ଡ୍ରମ /ମାଟିର ବଡ ପାତ୍ରରେ ଜିଆ ରଖି ଜିଆର ସଂଖ୍ୟା ଅଧିକ ବୃଦ୍ଧି କରାଯାଇପାରିବ । ଏହି ଭଳି ଜିଆ ଧୋବନରେ ମୁଖ୍ୟ ଏବଂ ସୂକ୍ଷ୍ମ ତତ୍ୱକୁ ଛାଡି ହରମୋନ ମଧ ମିଳିପାରିବ । ବର୍ମି ୱାସ୍‌ର ୧ ଲିଟର, ୧୦ ଲିଟର ପାଣିରେ ମିଶାଇ ପନିପରିବା ଫସଲ ଏବଂ ଫଳ ବୃକ୍ଷରେ ସିଞ୍ଚନ କରିବା ଦ୍ୱାରା ଗଛର ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ହେବା ସହିତ ଉତ୍ପାଦନରେ ବୃଦ୍ଧି ଏବଂ ଗୁଣରେ ସୁଧାର ହୋଇଥାଏ ।

**ସାମଗ୍ରୀ**

ପ୍ଲାଷ୍ଟିକ୍ ଡ୍ରମ /ମାଟି ପାତ୍ର, ବାଲଟି, କାର୍ବୋନିକ୍, ଅବେଶଷ, ଗୋବର ଏବଂ ଜିଆ ।

**ବର୍ମିୱାସ ତିଆରି କରିବାର ପ୍ରକ୍ରିୟା**

ତଳେ ନଳ ଲାଗିଥିବା ପ୍ଲାଷ୍ଟିକ ଡ୍ରମ ବା ମାଟିର ପାତ୍ରକୁ ଏକ ଛାୟା ଯୁକ୍ତ ସ୍ଥାନରେ ରଖାଯାଏ । କଂକ୍ରିଟର ୬ ଇଞ୍ଚ ଉଚ୍ଚା ସ୍ତର ବନାଇ ତା ଉପରେ ୬ ଇଞ୍ଚର ବାଲିର ସ୍ତର ବନାଯାଏ, ତା ଉପରେ ରୋଷେଇର ଜୈବିକ ଅବେଶଷ ବା ଏକ ସପ୍ତାହ ପୁରୁଣା ଗୋବରକୁ ୧୧,୫ ଫୁଟର ସ୍ତର ବନାଯାଏ ଓ ଏହା ଉପରେ ୫୦୦ରୁ ୧୦୦୦ ଲାଲ୍ ଜିଆ ଗୋବର ସ୍ତରରେ ଛାଡି ଦିଆଯାଏ । ଡ୍ରମର ଉପରେ ଏକ ପାଣି ଭରା ପାତ୍ର ରଖି ଦିଆଯାଏ, ଯାହାର ତଳେ ଏକ ଛିଦ୍ର କରାଯାଇ କପଡା କିମ୍ବା ତୁଳା ଲଗାଇ ଦିଆଯାଏ ଯେପରିକି ପାଣି ବୁନ୍ଦୁ ବୁନ୍ଦୁ ହୋଇ ପଡିବ । ଏହି ପ୍ରକ୍ରିୟା ଜିଆ ଛାଡିବାର ସାତ ଦିନ ପରେ ଆରମ୍ଭ ହୋଇଥାଏ, ଡ୍ରମରେ ଲାଗିଥିବା ନଳରୁ ଦୁଇ ତିନି ପରେ ତରଳ ପଦାର୍ଥ ଧିରେ ଧିରେ ବାହାରକୁ ଆସିଥାଏ । ଯାହାକୁ ଏକ ପ୍ଲାଷ୍ଟିକ ପାତ୍ରରେ ଏକତ୍ର କରି ରଖନ୍ତୁ ।

**ହାଣ୍ଡିଖତ (ଜୈବିକ ଔଷଧ)**

**ସାମଗ୍ରୀ :**

- ଦେଶୀଗାଈ ଗୋବର – ୧କେଜି
- ଦେଶୀ ଗାଇ ପରିସ୍ରା – ୫ଲିଟର
- କରଞ୍ଜ ପତ୍ର – ୧ କେଜି
- ନିମ୍ବ ପତ୍ର – ୧ କେଜି
- ଅରଖ ପତ୍ର – ୧ କେଜି
- ଦେଶୀ ଗୁଡ – ୫୦ ଗ୍ରାମ
  (ସବୁ ଆନୁମାନିକ)

**ପ୍ରସ୍ତୁତି:**

ପ୍ରଥମେ ମାଠିଆରେ ଗାଇ ପରିସ୍ରା, ଗୋବର, ଗୁଡକୁ ଭଲଭାବରେ ଗୋଳାଇବା ପରେ ସମସ୍ତ ପ୍ରକାର ପତ୍ରକୁ ଛେଚି ମାଠିଆରେ ପକାଇ ଭଲ ଭାବରେ ଗୋଳାଇବା ଓ ଏହାକୁ ଢାଙ୍କୁଣି ଦେଇ ବନ୍ଦ କରି ସାତଦିନ ପର୍ଯ୍ୟନ୍ତ ଛାଇରେ ରଖିବା, ସାତଦିନ ପରେ ମାଠିଆରୁ ସମସ୍ତ ଜଳୀୟ ଅଂଶକୁ ନିଗାଡି ଦେବା ଏବଂ ଏଥିରେ ୪୦-୫୦-୬୦ ଗୁଣ ପାଣି ମିଶାଇ ଯେ କୌଣସି ଫସଲରେ ସିଞ୍ଚନ କରିବା । ଛୋଟ ଗଛ ପାଇଁ ୬୦ ଗୁଣ ପାଣି ମିଶାଇବା ଆବଶ୍ୟକ । ମାଠିଆରେ ଥିବା ଅବଶିଷ୍ଟ ପଦାର୍ଥରେ ଯଥେଷ୍ଟ ପରିମାଣର ଗାଇମୂତ ମିଶାଇ ସାତଦିନ ରଖିବା ।  ପ୍ରତି ସାତଦିନର ଔଷଧ ବାହାର କରିବା । ଏପରି ୪ ମାସ ପର୍ଯ୍ୟନ୍ତ ଏହି ଔଷଧ ମିଳିପାରିବ । ପରେ ମାଠିଆରେ ଥିବା ଗୁଣ୍ଡକୁ ଗୋଟିଏ ଫଳଗଛମୂଳେ ଦେଇ ପୁନଶ୍ଚ ନୂଆ ଖତ ତିଆରି କରିବେ । ଏହି ଔଷଧ ୩ ବର୍ଷ ପର୍ଯ୍ୟନ୍ତ ରହିବ । ୧୫ ଲିଟର ପାଣିରେ ୨୫୦ ମିଲି ଔଷଧ ମିଶାଇ ଫସଲରେ ପାଗ ଥଣ୍ଡା ଥିବା ସମୟରେ ପ୍ରୟୋଗ କରିବା । (୧ ଲିଟର ପାଣିରେ ୧୫ ମିଲି) ?

**ଉପକାର**

- କମ୍ ଖର୍ଚ୍ଚ ହେବ
- ମାଟିର ଉର୍ବରତା ବଢ଼ିବ
- ଖାଦ୍ୟ ସ୍ୱାଦିଷ୍ଟ ଲାଗିବ
- ଫସଲକୁ ସମସ୍ତ ପ୍ରକାର ରୋଗ ପୋକରୁ ସୁରକ୍ଷା ମିଳିବ
- ବିହନ ବିଶୋଧନ ହୋଇ ପାରିବ
- ଗଛ ସବୁଜ ଦେଖାଯିବ
- ସବୁ ଫସଲର ସବୁ ରୋଗପୋକର ଗୋଟିଏ ଔଷଧ
- ଏହାକୁ ବିକ୍ରୀ କରି ଅର୍ଥ ଉପର୍ଜନ କରିହେବ ।



Supported by :
Aqua Alimenta

Implemented by :
Nabapallav

Design & Developed by :
i-Concept Initiatives
e-mail : iinitiative@yahoo.com